କାବ୍ୟକୃତି - ପୁନଶ୍ଚ

ଉର୍ଣ୍ଣନାଭ

କବି ରଘୁନାଥ ଦାସ

ବନ୍ଦକର ବାତାୟନ

ରୁଦ୍ଧ କର ରୁଦ୍ଧ କର ଦ୍ୱାର;

ମୋତେ ଭଲ ଲାଗେ ଏହି ନିସ୍ତବ୍ଧତା,

ନଃସଙ୍ଗ ଅନ୍ଧାର ।

ଶତଧା ବିଭକ୍ତ କରି

ମୁକ୍ତବକ୍ଷା ଏକକ ବସୁଧା

କରେ ମୁଁ ମସୁଧା ଗୂଢ଼

ମେଣ୍ଟାଇବି ଆସୁରୀ ମୋ କ୍ଷୁଧା

ତମସାଚ୍ଛାନ୍ନ ଗହ୍ୱରେ;

ମୋ ଜିହ୍ୱାରୁ କ୍ଷରେ ଯେ ଗରଳ,

ସେ ଗରଳ ମଧୁଚକ୍ରେ

ବିଷକନ୍ୟା ବୁଣେ ଇନ୍ଦ୍ରଜାଲ

ଏକାନ୍ତରେ ।

ତାମସୀ ନାୟୀକା,

କରାଳବଦନୀ କ୍ରୁରା ଲୋଳନେତ୍ରୀ

www.jatayu.org

କାବ୍ୟକୃତି - ପୁନଶ୍ଚ

ଉର୍ଣ୍ଣନାଭ

କବି ରଘୁନାଥ ଦାସ

ସର୍ବଗ୍ରାସୀ ଶିଖା ।

ବିସ୍ତାରିତ ସାମ୍ରାଜ୍ୟର ଏକଛତ୍ର

ଆରେକ ଯଯାତି

ବିଷାଦର ମହାଯଜ୍ଞେ ବଧ ମୋର

ଲକ୍ଷ ପ୍ରଜାପତି ।

ଚିରଂଜୀବି ମୁଁ ପରା ଇନ୍ଦ୍ରାଣୀ

ମନେହୁଏ ବାଷ୍ଟାଇଲ୍ ଦୁର୍ଗେ ପୁଣି

ମୁଁ ମେରୀ ଆଣ୍ଟୋନି ।

www.jatayu.org